# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୭୦ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୫ ତାରିଖ: ୦୧.୦୯.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୨୬.୦୮.୨୦୨୬ ରୁ ୦୧.୦୯.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 31 | 23 | 46.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୨-୦୯-୨୦୨୬ | ୦୩-୦୯-୨୦୨୬ | ୦୪-୦୯-୨୦୨୬ | ୦୫-୦୯-୨୦୨୬ | ୦୬-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 25 | 20 | 10 | 7 | 8 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 32 | 32 | 32 | 33 | 33 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 23 | 23 | 24 | 24 | 25 |
| ମେଘ ଆବରଣ(ଓକଟା) | 7 | 7 | 6 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 95 | 94 | 90 | 89 | 90 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 81 | 77 | 73 | 70 | 69 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 16 | 10 | 14 | 9 | 7 |
| ପବନର ଦିଗ (ଡିଗ୍ରୀ) | 281 | 236 | 221 | 211 | 216 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

### ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଦିନଗୁଡ଼ିକରେ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୭ ରୁ ୧୬ କି.ମି. ବେଗରେ ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

**ଚେତାବନୀ:** ଆସନ୍ତା ଦୁଇ ଦିନ ମଧ୍ୟରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହିତ ବଜ୍ରପାତ ଓ ଘଡ଼ଘଡ଼ି ସହିତ ଝଟକା ପବନ (ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କି.ମି. ପର୍ଯ୍ୟନ୍ତ) ହେବାର ସମ୍ଭାବନା ରହିଅଛି ।

### ସାଧାରଣ ଉପଦେଶ

- ବର୍ତ୍ତମାନର ବର୍ଷାପାତ ଓ ଆର୍ଦ୍ର ପାଣିପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀଭାଇମାନଙ୍କୁ ନିଜ ଫସଲ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହିତ ଜମିରେ ଜମି ରହିଥିବା ଅତିରିକ୍ତ ପାଣିକୁ ଯଥାଶୀଘ୍ର ନିଷ୍କାସନ କରିବାକୁ ପରାମର୍ଶ ଦିଆଯାଉଛି ।
- ଜମି ଓଦା ଥିବା ସମୟରେ ଜଳସେଚନ, ସାର ପ୍ରୟୋଗ, କୀଟନାଶକ/ଛତ୍ରାକନାଶକ ପ୍ରୟୋଗ ଏବଂ ଅନ୍ତଃଚାଷ କାର୍ଯ୍ୟ କରନ୍ତୁ ନାହିଁ । ଦୁଇ ଦିନ ପରେ ବର୍ଷାର ପରିମାଣ କମିବାର ସମ୍ଭାବନା ଥିବାରୁ, ଚାଷୀମାନେ ଘାସବଛା, ଅନ୍ତଃଚାଷ, ସାର ପ୍ରୟୋଗ ଓ ଫସଲ ସୁରକ୍ଷାମୂଳକ ପଦକ୍ଷେପ ଭଳି କୃଷି କାର୍ଯ୍ୟଗୁଡ଼ିକୁ ପାଗର ଅନୁକୂଳତା ଅନୁସାରେ ଯୋଜନା କରି ସମ୍ପାଦନ କରନ୍ତୁ ।
- ଫସଲରେ କୀଟପତଙ୍ଗ ଆକ୍ରମଣ ଓ ଅଧିକ ଆର୍ଦ୍ରତା ଯୋଗୁଁ ହେଉଥିବା ରୋଗର ନିୟମିତ ନିରୀକ୍ଷଣ କରନ୍ତୁ ଏବଂ ଉପଯୁକ୍ତ ଶୁଷ୍କ ପାଣିପାଗ ସମୟରେ ସୁପାରିଶ କରାଯାଇଥିବା ନିୟନ୍ତ୍ରଣ ପଦକ୍ଷେପ ଅବଲମ୍ବନ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ଦୁଇ ଦିନ ପରେ ବର୍ଷା କମିବାର ସମ୍ଭାବନା ଥିବାରୁ, ଚାଷୀମାନେ ଘାସବଛା, ଅନ୍ତଃଚାଷ, ସାର ପ୍ରୟୋଗ ଓ ଫସଲ ସୁରକ୍ଷାମୂଳକ କାର୍ଯ୍ୟ ପାଗ ଅନୁକୂଳ ଥିବା ସମୟରେ

କରି ନିଅନ୍ତୁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ପିଲ ବାହାରିବା ଅବସ୍ଥା | • ଧାନ ଖେତରେ ଘାସ ନିୟନ୍ତ୍ରଣ ପାଇଁ ରୋପଣର ୧୫ ରୁ ୨୦ ଦିନ ପରେ ସଫା ଓ ଶାନ୍ତ ପାଣିପାଗରେ ବିସ୍ପାଇରିବାକ୍ ସୋଡିୟମ୍ ୧୦% ଏସ୍‌ସି @ ୧୨୦ ମି.ଲି./ଏକର କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ରୋପଣର ୨୫ ରୁ ୩୦ ଦିନ ପରେ ଶାନ୍ତ ପାଗରେ ଫେନୋକ୍ସାପ୍ରପ୍-ପି-ଇଥାଇଲ୍ ୧୦% ଇସି @ ୨୪୦ ରୁ ୨୬୦ ମି.ଲି. କୁ ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।<br>• ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ର ନିରୀକ୍ଷଣ ପାଇଁ ଏକର ପିଛା ୪–୫ଟି ଫେରୋମୋନ୍ ଟ୍ରାପ୍ ସ୍ଥାପନ କରନ୍ତୁ । ପ୍ରତି ଟ୍ରାପ୍‌ରେ ୪ କିମ୍ବା ୫ଟି ପୁରୁଷ ପୋକ ଧରାପଡ଼ିଲେ, ଆକାଶ ସଫା ଓ ପବନର ଗତି ଶାନ୍ତ ଥିବା ସମୟରେ ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ ।<br>• ଧାନ କ୍ଷେତରେ ଲେଡା ପୋକର ଆକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗରେ ପ୍ରତି ହେକ୍ଟର ପିଛା ରାଇନାକ୍ସିପିର ୧୮.୫ ଏସ୍.ସି. @ ୧୫୦ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. @ ୨୫୦ ମିଲି କିମ୍ବା ଟେଟ୍ରାନିଲିପ୍ରୋଲ୍ ୧୮.୧୮ ଏସ୍.ସି. @ ୨୫୦ ମିଲିକୁ ସିଂଚନ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ପିଲ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ମକା | ଅଙ୍ଗିୟ ଅବସ୍ଥା | • ବର୍ତ୍ତମାନର ପାଣିପାଗ ପରିସ୍ଥିତି (ଆର୍ଦ୍ର ପାଗ, ମଝିରେ ମଝିରେ ବର୍ଷା, ମେଘୁଆ ଆକାଶ ଏବଂ ଅଧିକ ମାଟି ଆର୍ଦ୍ରତା) ମକାରେ ଫଲ୍ ଆର୍ମିୱର୍ମ, କାଣ୍ଡ ବିନ୍ଧା ପୋକ ଏବଂ ପତ୍ରଜନିତ ରୋଗର ଆକ୍ରମଣ ବୃଦ୍ଧି ପାଇଁ ଅନୁକୂଳ ଅଟେ । ତେଣୁ ଏହି ପୋକ ଓ ରୋଗର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।<br>• ବର୍ଷା ବନ୍ଦ ହେବା ଏବଂ ମାଟି ଚାଷ ଉପଯୋଗୀ ହେବା ପରେ ହିଁ ନାଇଟ୍ରୋଜେନ୍ ଯୁକ୍ତ ସାରର ପ୍ରୟୋଗ କରନ୍ତୁ ଏବଂ ଗଛ ଭାଙ୍ଗି ପଡ଼ିବା (ଲଜିଂ) ରୋକିବା ପାଇଁ ମକା ଗଛର ମୂଳ ପାଖରେ ମାଟି ଚଢ଼ାନ୍ତୁ । |
| କଦଳୀ | ଅଙ୍ଗିୟ ଅବସ୍ଥା / ଫଳ ଅବସ୍ଥା | • କଦଳୀ ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ମୂଳର କ୍ଷତି ଓ ପାନାମା ରୋଗକୁ ରୋକିବା ପାଇଁ ଖେତରେ ଜମିଥିବା ପାଣିକୁ ତୁରନ୍ତ ନିଷ୍କାସନ କରନ୍ତୁ ।<br>• ଅଧିକ ଉଚ୍ଚ ଓ କାନ୍ଧି ଧରିଥିବା କଦଳୀ ଗଛଗୁଡ଼ିକ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଭାଙ୍ଗି/ଉପୁଡ଼ି ନ ପଡୁ ସେଥିପାଇଁ ବାଉଁଶ କିମ୍ବା ଉପଯୁକ୍ତ ସାମଗ୍ରୀ ସାହାଯ୍ୟରେ ଗଛଗୁଡ଼ିକୁ ଭରା ଦିଅନ୍ତୁ ।<br>• ବଗିଚାରେ ଉପଯୁକ୍ତ ପରିଚ୍ଛନ୍ନତା ବଜାୟ ରଖିବା ସହ ଝଡ଼ି ପଡ଼ିଥିବା ଏବଂ ରୋଗାକ୍ରାନ୍ତ ଗଛପତ୍ର ବା ଅବଶେଷଗୁଡ଼ିକୁ ହଟାଇ ଦିଅନ୍ତୁ ।<br>• ଜମି ଅତ୍ୟଧିକ ଓଦା ଥିବା ସମୟରେ ସାର ପ୍ରୟୋଗ ଏବଂ କୀଟନାଶକ କିମ୍ବା କବକନାଶକ ସିଞ୍ଚନ କରନ୍ତୁ ନାହିଁ । |
| ପନିପରିବା ଚାଷ | ଫୁଲ ଓ ଫଳ ଅବସ୍ଥା | • କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ସମ୍ଭବ ହେଲେ ଲତାଜାତୀୟ ପନିପରିବାକୁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ, ଯାହାଫଳରେ ଫଳ ମାଟି ସଂସ୍ପର୍ଶରେ ନ ଆସିବ ଏବଂ ରୋଗର ପ୍ରାଦୁର୍ଭାବ କମିଯିବ ।<br>• ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଫସଲରେ ନିୟମିତ ଭାବରେ ଫଳମାଛି ପୋକର ଆକ୍ରମଣ ଉପରେ ନଜର ରଖନ୍ତୁ ।<br>• ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• କ୍ରମାଗତ ମେଘୁଆ ଓ ବର୍ଷା ପାଗ ଯୋଗୁଁ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ), ଆନ୍ଥ୍ରାକ୍ନୋଜ୍ ଏବଂ ଫଳ ପଚା ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନିୟମିତ ନଜର ରଖନ୍ତୁ । |
| ଗେଣ୍ଡୁ ଫୁଲ ଚାଷ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ବିଗତ ଆର୍ଦ୍ର ଓ ବର୍ଷାପ୍ରବଣ ପାଣିପାଗ ପରିସ୍ଥିତି ଯୋଗୁଁ, ଗେଣ୍ଡୁ ଫୁଲରେ ପତ୍ରଦାଗ ରୋଗ ଓ ଫୁଲ ପଚା ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ନିରୀକ୍ଷଣ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ।<br>• ଗେଣ୍ଡୁ ଫୁଲ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ, ଜମିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ପତ୍ର ଦୀର୍ଘ ସମୟ ଧରି ଓଦା ରହିବାକୁ ଏଡ଼ାନ୍ତୁ କାରଣ ଆଗକୁ ଆହୁରି କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଅଛି । ଆକ୍ରାନ୍ତ ପତ୍ର ଓ ଫୁଲଗୁଡ଼ିକୁ ତୋଳି ନଷ୍ଟ କରିଦିଅନ୍ତୁ । |

| | | |
|---|---|---|
| | | • ଯଦି ରୋଗର ଲକ୍ଷଣ ଦେଖାଦିଏ, ତେବେ ମାଞ୍ଜୋକୋଜେବ୍ ୭୫% ଡବ୍ଲ୍ୟୁପି @ ୨–୨.୫ ଗ୍ରାମକୁ ପ୍ରତି ଲିଟର ପାଣିରେ ମିଶାଇ ସଫା ଓ ଶାନ୍ତ ପାଗ ଥିବା ସମୟରେ ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଉଛି । |
| ପଶୁ ପାଳନ | • ବର୍ତ୍ତମାନର ଆର୍ଦ୍ର ଓ ବର୍ଷା ପାଗର ସ୍ଥିତିରେ, କୃଷକମାନଙ୍କୁ ପଶୁ ରହୁଥିବା ଗୁହାଳକୁ ପରିଷ୍କାର, ଶୁଷ୍କ ଓ ଭଲ ବାୟୁ ଚଳାଚଳ ହେଉଥିବା ଅବସ୍ଥାରେ ରଖିବାକୁ ପରାମର୍ଶ ଦିଆଯାଉଛି । ପଶୁମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ଶୁଷ୍କ ଖାଦ୍ୟ ଯୋଗାଇବା ସହିତ ଜଳବାହିତ, ରୋଗବାହକଜନିତ ଓ ପରଜୀବୀଜନିତ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ । ଅସୁସ୍ଥ ପଶୁମାନଙ୍କୁ ଅନ୍ୟ ପଶୁଙ୍କଠାରୁ ଅଲଗା ରଖି ତୁରନ୍ତ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ପଶୁ ରହୁଥିବା ଗୁହାଳ ଚାରିପାଖରେ ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ, ଯାହାଦ୍ୱାରା ପାଣି ଜମି ରହିବା ଏବଂ ବର୍ଷାଜଳ ଗୁହାଳ ଭିତରକୁ ପ୍ରବେଶ କରିବାକୁ ରୋକାଯାଇପାରିବ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।